# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21st May - 2025

************************************

## ମୁଖ୍ୟ ସମ୍ବାଦ

- ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍‌ର ଆସନ୍ତାକାଲି ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।

- ପି.ଏମ୍. ଜନମନ୍ ଯୋଜନାର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ; ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ସଚିବମାନଙ୍କୁ ନିର୍ଦ୍ଦେଶ ।

- ଚନ୍ଦ୍ରଯାନ-୪ ଓ ୫ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି; ସୂଚନା ଦେଲେ ଇସ୍ରୋ ମୁଖ୍ୟ ।

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ; ଉତ୍ତୀର୍ଣ୍ଣ ହେଲେ ୮୨ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ।

ଏବଂ

- ମହିଳା କର୍ମଚାରୀଙ୍କ ପାଇଁ ମାତୃତ୍ୱ ଛୁଟି ସଂକ୍ରାନ୍ତରେ ନିୟମ ସ୍ଥିର କଲେ ରାଜ୍ୟ ସରକାର ।

# ପି.ଏମ୍. - ଅମୃତ ଷ୍ଟେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍‌ର ଲୋକାର୍ପଣ କରିବେ।

ଅମ୍ରିତ ଭାରତ ଷ୍ଟେସନ୍‌ର ଲୋକାର୍ପଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭାରତର ରେଳବାଇ ଭିତ୍ତିଭୂମି ଲାଗି ଆସନ୍ତାକାଲି ଏକ ଐତିହାସିକ ଦିନ ହେବ । ଅମ୍ରିତ ଷ୍ଟେସନ୍ ମାଧ୍ୟମରେ ଯାତ୍ରୀମାନଙ୍କୁ ଅଧିକ ସୁଖ, ସ୍ୱାଚ୍ଛନ୍ଦ୍ୟର ପରିବେଶ ଉପଲବ୍ଧ କରାଯିବା ସହ ଯୋଗାଯୋଗ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାଛଡ଼ା ଦେଶର ଗୌରବମୟ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଦିଗରେ ଏହି ଅମୃିତ ଷ୍ଟେସନ୍ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

୨୦୨୨ ମସିହା ଡିସେମ୍ବରରେ ଏହି ଅମୃତ ଭାରତ ଷ୍ଟେସନ୍ ଯୋଜନାର ଶୁଭାରମ୍ଭ ହୋଇଥିଲା। ଦେଶର ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ରେଳଷ୍ଟେସନକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଇବାର ଏହାର ମୁଖ୍ୟ ଉଦ୍ଦେଶ୍ୟ ।

# ପି.ଏମ୍. ଜନମନ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା 'ପି.ଏମ୍. ଜନମନ' ଯୋଜନାର ଅଗ୍ରଗତି ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ସଚିବମାନଙ୍କୁ ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।  ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୨୦୨୬ ମସିହା ସୁଦ୍ଧା ଏହି ଯୋଜନାରେ ୪୫ ହଜାର ୪୦୮ଟି ଘର, ୪୦୫ଟି ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣ ଏବଂ ୭୪ଟି ବହୁମୁଖୀ କେନ୍ଦ୍ର ନିର୍ମାଣପାଇଁ ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ, ପି.ଏମ୍. ଜନମନ ଯୋଜନାରେ ରାଜ୍ୟର ସମୁଦାୟ ୩ ଲକ୍ଷ ୧୪ ହଜାର ୫୧୪ ଜଣ ବ୍ୟକ୍ତି ଉପକୃତ ହୋଉଛନ୍ତି ।

# ଆମେ ପଢ଼ିବା ଆମ ଭାଷାରେ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା "ଆମେ ପଢ଼ିବା ଆମ ଭାଷାରେ" ଓ "ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା"ର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି, ପ୍ରାରମ୍ଭିକ ଅବସ୍ଥାରେ ନିଜ ମାତୃଭାଷାରେ ପିଲାଙ୍କୁ ଶିକ୍ଷାପ୍ରଦାନ କରାଗଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ପାଠ ପ୍ରତି ଆଗ୍ରହ ବଢ଼ିବ । ବର୍ତ୍ତମାନ ରାଜ୍ୟର ୧୫ଟି ଜିଲ୍ଲାର ୧୦ ହଜାର ୬୨୯ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି । ଜାତୀୟ ଶିକ୍ଷାନୀତି-୨୦୨୦ରେ ମଧ୍ୟ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି ।

ସେହିପରି ଗରିବ ପିତାମାତାଙ୍କ ଉପରୁ ଝିଅ ବାହାଘରର ବୋଝ ହାଲୁକା କରିବାପାଇଁ କନ୍ୟାବିବାହ ଯୋଜନା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏହି ଯୋଜନା ଗରିବ, ଅସହାୟ ଓ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନ ଥିବା ପରିବାରକୁ ସେମାନଙ୍କର କନ୍ୟାବିବାହ ପାଇଁ ସହାୟକ ହେବ ବୋଲି ସମୀକ୍ଷା ବୈଠକରୁ ଜଣାପଡ଼ିଛି ।

**BBSR/R**

# ପ୍ରତିଷ୍ଠା ଦିବସ

କମିଶନରେଟ୍ ପୁଲିସ୍‌ର ୧୭ତମ ପ୍ରତିଷ୍ଠା ଦିବସ ଆଜି ଭୁବନେଶ୍ୱରଠାରେ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପୁଲିସ୍‌ର ମାନବ ସମ୍ବଳ ବୃଦ୍ଧି ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି । ବସ୍ତି ଅଞ୍ଚଳ ସମେତ କମିଶନରେଟ୍ ପୁଲିସ୍ ଅଞ୍ଚଳରେ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice :..........***

ଏହି କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

**GNR**

# ଚନ୍ଦ୍ରଯାନ-୫

ଭାରତ ତା'ର ମହତ୍ୱାକାଂକ୍ଷୀ ମହାକାଶ ଅଭିଯାନ ଚନ୍ଦ୍ରଯାନ-୪ ଓ ୫ ଲାଗି ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ - ଇସ୍ରୋର ମୁଖ୍ୟ ଡକ୍ଟର ଭି. ନାରାୟରନ୍ କହିଛନ୍ତି । ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ନାରାୟଣନ୍ କହିଛନ୍ତି, ଭାରତର ଚନ୍ଦ୍ର ଅଭିଯାନ ଲାଗି ଗବେଷଣା ଜାରି ରହିଛି ।

ଚନ୍ଦ୍ରଯାନ-୫ ଲାଗି ଇସ୍ରୋ ଜାପାନ ସହ ମିଶି କାର୍ଯ୍ୟକ୍ରମକୁ ବିକଶିତ କରୁଛି । ଚନ୍ଦ୍ରଯାନ-୫ ଏହାର ପୂର୍ବବର୍ତ୍ତୀ ମିଶନଠାରୁ ଅଧିକ ବ୍ୟାପକ ହେବ ବୋଲି ଡକ୍ଟର ନାରାୟଣନ୍ କହିଛନ୍ତି ।

***BBSR/R***

## +୨ ପରୀକ୍ଷାଫଳ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ - ସି.ଏଚ୍.ଏସ୍.ଇ. ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପାସ୍‌ହାର ୮୨ ଦଶମିକ ୭/୭ ପ୍ରତିଶତ ରହିଛି । ସେଥିମଧ୍ୟରୁ ଛାତ୍ରୀମାନଙ୍କ ପାସ୍ ହାର ୮୭ ଦଶମିକ ୨/୪ ପ୍ରତିଶତ ହୋଇଥିବାବେଳେ ଛାତ୍ରମାନଙ୍କ ପାସ୍‌ହାର ୭୭ ଦଶମିକ ୮/୮ ପ୍ରତିଶତ ରହିଛି ।

କଳାରେ ପାସ୍ ହାର ୮୦ ଦଶମିକ ୫/୧ ପ୍ରତିଶତ ରହିଥିବାବେଳେ ବିଜ୍ଞାନରେ ୮୭ ଦଶମିକ ୪/୯ ପ୍ରତିଶତ, ବାଣିଜ୍ୟରେ ୮୩ ଦଶମିକ ୦/୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୬୦ ଦଶମିକ ୫/୭ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ପରିଷଦ କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଶାଳିନୀ ପଣ୍ଡିତ, ପରିଷଦ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଙ୍କ ଉପସ୍ଥିତିରେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚିତ ହୋଇଛି । ଏହି ଅବସରରେ

ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ପରୀକ୍ଷା ଦେଇଥିବା ସମୁଦାୟ ୩ ଲକ୍ଷ ୮୨ ହଜାର ୭୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଲକ୍ଷ ୧୬ ହଜାର ୭୮୭ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ପରିଷଦ ପକ୍ଷରୁ କୁହାଯାଇଛି, ଆସନ୍ତା ୩୦ ତାରିଖରେ ପୁନଃମୂଲ୍ୟାୟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ପରୀକ୍ଷା ଫଳ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରୁ ମାର୍କସିଟ୍ ଓ ସାର୍ଟିଫିକେଟ୍ ପାଇପାରିବେ । ଜୁନ୍ ଶେଷ ସୁଦ୍ଧା ଇନ୍‌ଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ମାତୃତ୍ୱ ଛୁଟି

ରାଜ୍ୟ ସରକାରୀ ମହିଳା କର୍ମଚାରୀଙ୍କପାଇଁ ୧୮୦ ଦିନର ମାତୃତ୍ୱ ଛୁଟି ସଂକ୍ରାନ୍ତରେ ସରକାରୀ ନିୟମ ସ୍ଥିରୀକୃତ କରାଯାଇଛି । ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ମହିଳାମାନେ ୧୮୦ ଦିନର ଛୁଟି ନେଇପାରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ।

***BBSR/R***

# ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ

ରାଜ୍ୟ ନିର୍ବାଚନ କମିଶନ୍ ଜୁନ୍ ୨୩ ତାରିଖରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ଆସୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଖାଲି ପଡ଼ିଥିବା ୧ ହଜାର ୧୩୧ଟି ପଦବି ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାର ଥିଲା । ମୌସୁମୀ ଯିବା ପରେ ଏସଂକ୍ରାନ୍ତରେ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନ୍'ର ସଚିବ ସନ୍ତୋଷ କୁମାର ଦାସ କହିଛନ୍ତି ।

***Voice :.............***

***Malkangiri/R***

# ଆଇନ ସଚେତନତା

ମାଲକାନଗିରି ଆଶୀର୍ବାଦ କଲୋନୀଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଜନସାଧାରଣଙ୍କପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା ।

*Koraput/R*

## ଦିଶା ବୈଠକ

କୋରାପୁଟ ଜିଲ୍ଲା ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି – ଦିଶା ବୈଠକ ଅନୁଷ୍ଠିତ ହୋଇଛି । ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା ।

*Desk*

## ଛାତ୍ରସଂସଦ ନିର୍ବାଚନ

ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ କରିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ, ଦଶହରା ପୂର୍ବରୁ ଛାତ୍ରସଂସଦ ନିର୍ବାଚନ ହେବ ବୋଲି ଆଶା କରାଯାଉଛି। ସେ କହିଛନ୍ତି, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଠିକ୍ ସମୟରେ ନିର୍ବାଚନ ଶେଷ କରିବା ପାଇଁ ପ୍ରୟାସ ଜାରି ରହିଛି।

ସୂଚନାଯୋଗ୍ୟ, କୋଭିଡ୍ ଓ କେତେକ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ସମୟରେ ବିଶୃଙ୍ଖଳା ଦେଖାଦେବାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୨ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ମନ୍ କୀ ବାତ୍ କାର୍ଯ୍ୟକ୍ରମ ପାଇଁ ଜନସାଧାରଣ ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ ପଠାଇପାରିବେ । ନରେନ୍ଦ୍ର ମୋଦି ଆପ୍ କିମ୍ବା ମାଇଁ ଗଭ୍ ଓପନ୍ ଫୋରମ୍‌ରେ ମଧ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ମତାମତ ପଠାଯାଇପାରିବ ।

*Met.O.*

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୩ରୁ ୪ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ପାଗ ଅନୁକୂଳ ରହିଛି । ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****